ଆତଙ୍କବାଦ ଏବଂ ଆନ୍ତର୍ଜାତୀୟ ଅପରାଧର ମୁକାବିଲା ଉପରେ BIMSTEC ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ (JWG-CTTC) ର 11ତମ ବୈଠକ

ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଆତଙ୍କବାଦ ଏବଂ ଆନ୍ତର୍ଜାତୀୟ ଅପରାଧର ମୁକାବିଲା ଉପରେ BIMSTEC ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ (JWG-CTTC) ର 11ତମ ବୈଠକ 28-29 ସେପ୍ଟେମ୍ବର 2026 ରେ ନୂଆଦିଲ୍ଲୀଠାରେ ଆୟୋଜିତ ହୋଇଥିଲା।। ସମସ୍ତ BIMSTEC ସଦସ୍ୟ ଦେଶ ଯଥା ବାଂଲାଦେଶ, ଭୁଟାନ, ଭାରତ, ମିଆଁମାର, ନେପାଳ, ଶ୍ରୀଲଙ୍କା ଏବଂ ଥାଇଲାଣ୍ଡର ପ୍ରତିନିଧି ଦଳ ଏହି ବୈଠକରେ ଯୋଗ ଦେଇଥିଲେ।

2. ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଆତଙ୍କବାଦ ମୁକାବିଲା ବିଭାଗର ଅତିରିକ୍ତ ସଚିବ ଡ. ସୁହେଲ ଆଜଜ ଖାନ ଏହି ବୈଠକର ଅଧ୍ୟକ୍ଷତା କରିଥିଲେ।

3. ଏହି ବୈଠକରେ BIMSTEC ଅଞ୍ଚଳରେ ଚିରାଚରିତ ଏବଂ ନୂତନ ଅଣ-ଚିରାଚରିତ ସୁରକ୍ଷା ବିପଦ ଉପରେ ଆଲୋଚନା କରାଯାଇଥିଲା। ଅଂଶଗ୍ରହଣକାରୀମାନେ ଏହି ଅଞ୍ଚଳରେ ଆତଙ୍କବାଦ ଓ ଆନ୍ତର୍ଜାତୀୟ ଅପରାଧର ମୁକାବିଲା କରିବାରେ ସହଯୋଗ ଓ ସମନ୍ୱୟ ବୃଦ୍ଧି କରିବା କ୍ଷେତ୍ରରେ ବିଭିନ୍ନ ପ୍ରସଙ୍ଗ ଉପରେ ବିଚାର-ବିମର୍ଶ କରିଥିଲେ ଏବଂ ନିଜ ନିଜର ପ୍ରସ୍ତାବ ପ୍ରଦାନ କରିଥିଲେ। ଏହି ବୈଠକରେ BIMSTEC JWG-CTTC ଅନ୍ତର୍ଗତ ବିଭିନ୍ନ ଉପ-ଗୋଷ୍ଠୀ ଯଥା: i) ମାନବ ଚାଲାଣ ଉପରେ ଉପ-ଗୋଷ୍ଠୀ; ii) ନାର୍କୋଟିକ୍ ଡ୍ରଗ୍ସ, ସାଇକୋଟ୍ରୋପିକ୍ ପଦାର୍ଥ ଏବଂ ପ୍ରିକର୍ସର୍ ରାସାୟନିକ ପଦାର୍ଥର ଅବୈଧ କାରବାରକୁ ରୋକିବା ଉପରେ ଉପ-ଗୋଷ୍ଠୀ; iii) ଆଣ୍ଟି-ମନି ଲଣ୍ଡରିଙ୍ଗ ଏବଂ ଆତଙ୍କବାଦକୁ ଆର୍ଥିକ ସହାୟତା ପ୍ରଦାନର ମୁକାବିଲା ଉପରେ ଉପ-ଗୋଷ୍ଠୀ; iv) ଆଇନଗତ ଏବଂ ଆଇନ ପ୍ରବର୍ତ୍ତନ ପ୍ରସଙ୍ଗ ଉପରେ ଉପ-ଗୋଷ୍ଠୀ; ଏବଂ v) ମୌଳବାଦ ଏବଂ ଆତଙ୍କବାଦର ମୁକାବିଲା କ୍ଷେତ୍ରରେ ସହଯୋଗ ପାଇଁ ଉପ-ଗୋଷ୍ଠୀର ବୈଠକଗୁଡ଼ିକର ରିପୋର୍ଟ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ନୂଆଦିଲ୍ଲୀ

ସେପ୍ଟେମ୍ବର 29, 2026